ଅଖିଳ ଓଡ଼ିଶା ବୈଦ୍ୟୁତିକ ଶ୍ରମିକ ସଂଘ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 20, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ସେବା ନିବୃତ୍ତ -ଓଡ଼ିଶା ରାଜ୍ୟ ଅଧୀନରେ ଥିବା କର୍ମଚାରୀ -ତୃତୀୟ ଶ୍ରେଣୀ ଏବଂ ତଦୁର୍ଦ୍ଧ ଶ୍ରେଣୀର କର୍ମଚାରୀ, ଯଦିଓ କୁଶଳୀ କିମ୍ବା ଉଚ୍ଚ କୁଶଳୀ, ଅବସର ଗ୍ରହଣ ପାଇଁ 60 ବର୍ଷ ର ଲାଭ ପାଇବାକୁ ହକଦାର ନୁହଁନ୍ତି- କେବଳ ଚତୁର୍ଥ ଶ୍ରେଣୀର କର୍ମଚାରୀ ଯଦିଓ କୁଶଳୀ, ଅର୍ଦ୍ଧକୁଶଳୀ କିମ୍ବା ଉଚ୍ଚ କୁଶଳୀ, 60 ବର୍ଷ ବୟସରେ ଅବସର ଲାଭ ପାଇବାକୁ ହକଦାର ।*

*ଓଡ଼ିଶା ରାଜ୍ୟ  ବନାମ. ଅଦ୍ୱନ୍ତ ଚରଣ ମହାନ୍ତି ଏବଂ ଅନ୍ୟମାନେ,* ***[1995] ସପ୍ଳି.*** **1 ଏସ୍. ସି. ସି. 470** *ଏବଂ ଓଡ଼ିଶା ରାଜ୍ୟ ବନାମ ଅର୍ଣ୍ଣବ କୁମାର ଦତ୍ତା,* **ଜେ. ଟି. (1996) 2 ଏସ୍. ସି. 516, ଉଲ୍ଲେଖ କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା  12717/1996 ।

1996 ର ଓ. ଏ. ସଂଖ୍ୟା 1087 ରେ କଟକରେ ଥିବା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କର 21.3.96 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଶ୍ରୀମତୀ ଇନ୍ଦିରା ଜୟସିଂ, ଭାରତ ସଙ୍ଗଲ୍ ଏବଂ ସୁଶ୍ରୀ ଅନିତା ସିନୋୟ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଏହି ଆବେଦନରେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀମତି. ଇନ୍ଦିରା ଜୟସିଂହ, ନ୍ୟାୟମୂର୍ତ୍ତି ଏମ୍. ଏମ୍. ପୁଞ୍ଚି ଏବଂ କେ. ଭେଙ୍କଟସ୍ୱାମୀଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ସମ୍ମୁଖରେ 2.8.1996 ରେ ଯୁକ୍ତି ଉପସ୍ଥାପନ କରିଛନ୍ତି ଏବଂ ବିଦ୍ୱାନ ନ୍ୟାୟମୂର୍ତ୍ତିମାନେ ଏହି ମାମଲାକୁ ସେହି ଖଣ୍ଡପୀଠଙ୍କ ଦ୍ୱାରା ପୂର୍ବରୁ ନିଆଯାଇଥିବା ନିର୍ଣ୍ଣୟର ପୁନର୍ବିଚାର ପାଇଁ ପଠାଇଛନ୍ତି, ଯାହାର ସଦସ୍ୟ ନ୍ୟାୟମୂର୍ତ୍ତି ମାନ୍ୟବର ଶ୍ରୀ ହଂସାରିଆ ଥିଲେ । ଫଳସ୍ୱରୂପ ଏହା ଅଗଷ୍ଟ 5, 1996 ରେ ମାନ୍ୟବର ନ୍ୟାୟମୂର୍ତ୍ତି ଜି. ଏନ୍. ରାୟ ଏବଂ ମାନ୍ୟବର ନ୍ୟାୟମୂର୍ତ୍ତି ହଂସାରିଆଙ୍କୁ ନେଇ ଗଠିତ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ

ଉପସ୍ଥାପନ କରାଗଲା, ଯେଉଁମାନେ *ଓଡ଼ିଶା ରାଜ୍ୟ ବନାମ ଅଦ୍ୱୈତ ଚରଣ ମହାନ୍ତି ଏବଂ ଅନ୍ୟମାନେ,* [1995] ସପ୍ଲି. 1 ଏସ୍. ସି. ସି. 470ରେ ଦିଆଯାଇଥିବା ରାୟର ପୁନର୍ବିଚାର ପାଇଁ ଏହି ପ୍ରସଙ୍ଗକୁ ପୁନର୍ବାର ଆମ ନିକଟକୁ ପଠାଇଛନ୍ତି । ଆମେ ଭାବିଲୁ ଯେ *ଓଡ଼ିଶା ରାଜ୍ୟ ବନାମ ଅର୍ଣ୍ଣବ କୁମାର ଦତ୍ତା,* ଜେ. ଟି. (1996) 2 ଏସ୍. ସି. 516 ମାମଲାର ରାୟ ଏବଂ ମହାନ୍ତିଙ୍କ ମାମଲାର ରାୟ ମଧ୍ୟରେ ଦ୍ୱନ୍ଦ ରହିଛି । ଏହି ଦୁଇଟି ରାୟକୁ ଅନୁଧ୍ୟାନ କରିବା ପରେ ଆମେ ଜାଣିବାକୁ ପାଇଲୁ ଯେ ମତାମତଗୁଡିକ ମଧ୍ୟରେ କୌଣସି ଦ୍ୱନ୍ଦ ନାହିଁ । ଅନ୍ୟପକ୍ଷରେ, *ଏ. କେ. ଦତ୍ତାଙ୍କ* ମାମଲାରେ, ଖଣ୍ଡପୀଠ *ମହାନ୍ତିଙ୍କ* ମାମଲାରେ ହୋଇଥିବା ନିର୍ଣ୍ଣୟକୁ ଅନୁସରଣ କରିଛନ୍ତି ।

ଶ୍ରୀମତି. ଇନ୍ଦିରା ଜୟସିଂ ଯୁକ୍ତି କରିଛନ୍ତି ଯେ ସରକାର ବିଭିନ୍ନ ବର୍ଗର ବ୍ୟକ୍ତି ଯଥା ବୈଦ୍ୟୁତିକ, ପାଇପି ମିସ୍ତ୍ରୀ, ମାଷ୍ଟ୍ରି , ଫିଟର ଗ୍ରେଡ୍ II, ରୋଲର୍ ମେକାନିକ, ମେକାନିକ, ୱାୟରମ୍ୟାନ୍ ଇତ୍ୟାଦିଙ୍କୁ 60 ବର୍ଷର ସୁବିଧା ପାଇବାକୁ କୁଶଳୀ ଶ୍ରମିକ ଭାବରେ ଶ୍ରେଣୀଭୁକ୍ତ କରିଛନ୍ତି ଏବଂ ମହାନ୍ତିଙ୍କ ମାମଲାରେ ରାୟର ବିଚାର ଆବଶ୍ୟକତା ରହିଛି । ଆମେ ଭାବୁନାହୁଁ ଯେ ବିଦ୍ୱାନ ଅଧିବକ୍ତା ତାଙ୍କ ଉପସ୍ଥାପନାରେ ଠିକ୍ ଅଛନ୍ତି । ଓଡ଼ିଶା ରାଜ୍ୟରେ କାର୍ଯ୍ୟ କରୁଥିବା ସମଗ୍ର ସେବା ନିୟମ ଏବଂ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ବିଭିନ୍ନ ନିର୍ଦ୍ଦେଶାବଳୀ ସହିତ ନିୟମାବଳୀର ନିୟମ 71 (ଏ) କୁ ଟିପ୍ପଣୀ ସହିତ ଆମେ ବିଚାର କରିଛୁ । ଆମେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ବର୍ଗୀକୃତ କରିଛୁ ଯେଉଁମାନେ 60 ବର୍ଷ ବୟସରେ ଅବସର ଗ୍ରହଣ କରିବା ପାଇଁ ଯୋଗ୍ୟ ଏବଂ ତୃତୀୟ ଶ୍ରେଣୀ ଏବଂ ତଦୁର୍ଦ୍ଧ ଶ୍ରେଣୀରେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ମଧ୍ୟରୁ, ଯଦିଓ ସେମାନେ କୁଶଳୀ କିମ୍ବା ଉଚ୍ଚ କୁଶଳୀ, ସେମାନେ ଅବସର ଗ୍ରହଣ ପାଇଁ 60 ବର୍ଷର ଲାଭ ପାଇବାକୁ ହକଦାର ନୁହଁନ୍ତି । ସେମାନଙ୍କୁ 58 ବର୍ଷ ବୟସରେ ଅବସର ନେବାକୁ ପଡ଼ିଥାଏ, ଯେତେବେଳେ କି କେବଳ ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ, ଯଦିଓ  କୁଶଳୀ, ଅର୍ଦ୍ଧକୁଶଳୀ କିମ୍ବା ଉଚ୍ଚ କୁଶଳୀ, 60 ବର୍ଷ ବୟସରେ ଅବସର ଲାଭର ଅଧିକାରୀ ହୋଇଥାନ୍ତି । ସେହି ଦୃଷ୍ଟିକୋଣରୁ, ଆମର ବିଚାରଯୋଗ୍ୟ ମତ ହେଉଛି ଯେ *ମହାନ୍ତିଙ୍କ* ମାମଲାରେ ରାୟର ପୁନର୍ବିଚାର ଆବଶ୍ୟକତା ନାହିଁ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ତୁଷାର କାନ୍ତ ଗୋଛି, ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।